**ଜୟ ରାମ ଶର୍ମା**

**ବନାମ**

**ଜମ୍ମୁ ବିକାଶ ପ୍ରାଧିକରଣ**

**ଏପ୍ରିଲ 19, 1996**

**[କେ. ରାମସ୍ୱାମୀ ଏବଂ ଜି.ବି. ପଟ୍ଟନାୟକ, ନ୍ୟାୟମୂର୍ତ୍ତିଦ୍ୱୟ]**

*ସେବା ଆଇନ:*

*ପଦୋନ୍ନତି - ଜନସମ୍ପର୍କ ଅଧିକାରୀ - ପ୍ରତିନିଯୁକ୍ତିରେ ଥିବା କର୍ମଚାରୀଙ୍କୁ ପଦୋନ୍ନତି ପ୍ରଦାନ - ସେବାରେ ଥିବା ନିୟମିତ କର୍ମଚାରୀଙ୍କୁ ପଦୋନ୍ନତି ଦିଆଯାଇ ନାହିଁ – ନିର୍ଣ୍ଣୟ ହେଲା: ସେବାରେ ଥିବା ନିୟମିତ କର୍ମଚାରୀଙ୍କର ପଦୋନ୍ନତି ସମ୍ପର୍କରେ ବିଚାରକୁ ନିଆଯିବାର ଏକ ବୈଧ ଅଧିକାର ଥିଲା - ନିର୍ଦ୍ଦେଶ ଦିଆଗଲା ଯେ, ଯେଉଁ ତାରିଖରୁ ପ୍ରତିନିଯୁକ୍ତିରେ ଥିବା ବ୍ୟକ୍ତିଙ୍କୁ ପଦୋନ୍ନତି ଦିଆଯାଇଥିଲା, ସେହି ତାରିଖରୁ ତାଙ୍କୁ ନିୟମିତ ପଦୋନ୍ନତି ମିଳିଥିବା ବୋଲି ବିଚାର କରାଯିବା ଉଚିତ - ତିନି ମାସ ମଧ୍ୟରେ ସେ ହକଦାର ଅଟନ୍ତି କି ନାହିଁ ତାହା ବିଚାର କରାଯିବ ।*

ଦେୱାନୀ ଅପିଲୀୟ କ୍ଷେତ୍ରାଧିକାରିତା: ଦେୱାନୀ ଅପିଲ ସଂଖ୍ୟା 7750/1996 ।

ଏଲ.ପି.ଏ. (ଏସ୍.ଡବ୍ଲ୍ୟୁ.ପି.) ସଂଖ୍ୟା 77/1990 ରେ ଜାମ୍ମୁ ଓ କାଶ୍ମୀର ଉଚ୍ଚ ନ୍ୟାୟାଳୟଙ୍କ 10.2.95 ତାରିଖର ରାୟ ଏବଂ ଆଦେଶ ବିରୁଦ୍ଧରେ ।

ଅପିଲକାରୀମାନଙ୍କ ପକ୍ଷରୁ ଆର୍.ସି. ପାଠକ ।

ଉତ୍ତରଦାତାମାନଙ୍କ ପକ୍ଷରୁ ଅଶୋକ ମାଥୁର ।

ନ୍ୟାୟାଳୟଙ୍କ ଦ୍ୱାରା ନିମ୍ନଲିଖିତ ଆଦେଶ ପ୍ରଦାନ କରାଗଲା:

ଅନୁମତି ପ୍ରଦାନ କରାଗଲା ।

ଆମେ ଉଭୟ ପକ୍ଷର ବିଜ୍ଞ ଅଧିବକ୍ତାମାନଙ୍କ ଯୁକ୍ତି ଶୁଣିଛୁ ।

ବିଶେଷ ଅନୁମତି ଦ୍ୱାରା ଦାୟର ଏହି ଅପିଲ ଜାମ୍ମୁ ଓ କାଶ୍ମୀର ଉଚ୍ଚ ନ୍ୟାୟାଳୟଙ୍କ ଏଲ.ପି.ଏ. ସଂଖ୍ୟା 77/1990 ରେ ପ୍ରଦତ୍ତ ଫେବୃଆରୀ 10, 1995 ତାରିଖର ରାୟ ଏବଂ ଆଦେଶରୁ ଉଦ୍ଭୁତ । ସ୍ୱୀକୃତ ସ୍ଥିତି ଏହା ଯେ, ଯେତେବେଳେ ଉତ୍ତରଦାତା ସଂଖ୍ୟା 5, ପି. ଏନ୍.

ଜଲ୍ଲା, ଜଣେ ବରିଷ୍ଠ କ୍ଷିପ୍ରଲେଖକ ଭାବେ ପ୍ରତିନିଯୁକ୍ତିରେ ଥିଲେ, ଅପିଲକାରୀଙ୍କୁ କାର୍ଯ୍ୟାଳୟ ଅଧୀକ୍ଷକ ଭାବେ ନିୟମିତ ଭିତ୍ତିରେ ନିଯୁକ୍ତି ଦିଆଯାଇଥିଲା । ଜନସମ୍ପର୍କ ଅଧିକାରୀ ପଦବୀ ପାଇଁ, ତାଙ୍କୁ ନିୟମିତ ଭିତ୍ତିରେ ପଦୋନ୍ନତି ପାଇଁ ବିଚାର କରାଯିବା ଆବଶ୍ୟକ । ତାଙ୍କୁ ନିୟମିତ ଭିତ୍ତିରେ ପଦୋନ୍ନତି ଦେବା ପରିବର୍ତ୍ତେ, ପ୍ରତିନିଯୁକ୍ତିରେ ଥିବା ବ୍ୟକ୍ତିଙ୍କୁ ବିଚାର କରାଗଲା ଏବଂ ପଦୋନ୍ନତି ଦିଆଗଲା । ଅପିଲକାରୀ ଉକ୍ତ କାର୍ଯ୍ୟାନୁଷ୍ଠାନକୁ ଆଜ୍ଞାଦେଶ ଆବେଦନ ମାଧ୍ୟମରେ ଆପତ୍ତି କରିଥିଲେ, ଯାହାକୁ ଦୁଇଜଣିଆ ନ୍ୟାୟମୂର୍ତ୍ତିଙ୍କ ଖଣ୍ଡପୀଠଙ୍କ ଦ୍ୱାରା ସଠିକ୍ ଭାବେ ବିଚାର କରାଯାଇ ନଥିଲା । ଯେତେବେଳେ ଏହି ମାମଲା ଗ୍ରହଣ ହେବା ପାଇଁ ଆସିଲା, ଏହି ନ୍ୟାୟାଳୟ ଅଗଷ୍ଟ 21, 1995 ରେ ନିମ୍ନଲିଖିତ ଆଦେଶ ପ୍ରଦାନ କରିଥିଲେ:

> "ଆବେଦନକାରୀଙ୍କ ଅଧିବକ୍ତା କହିଛନ୍ତି ଯେ ଆବେଦନକାରୀ ବକେୟା ମଜୁରୀ ପୈଠ କରିବାକୁ ଦାବି କରୁନାହାଁନ୍ତି, କିନ୍ତୁ ତାଙ୍କର ପ୍ରାପ୍ୟ ବରିଷ୍ଠତାକୁ ନିୟମ ଅନୁଯାୟୀ ବିଚାର କରାଯାଉ । ତୃତୀୟ ଉତ୍ତରଦାତା ସରକାରୀ ସେବାରୁ କେବଳ ଜଣେ ବରିଷ୍ଠ କ୍ଷିପ୍ରଲେଖକ ଥିଲେ ଏବଂ ପ୍ରତିନିଯୁକ୍ତିରେ ଥିଲେ । ଆବେଦନକାରୀ ଜଣେ ନିୟମିତ କର୍ମଚାରୀ ଅଟନ୍ତି ଏବଂ ସେ ବିଚାର ପାଇଁ ହକଦାର ହୋଇଥିବାବେଳେ, ଯେତେବେଳେ ଜନସମ୍ପର୍କ ଅଧିକାରୀ ପଦବୀ ଖାଲି ହେଲା, ତାଙ୍କୁ ବିଚାରକୁ ନିଆଗଲା ନାହିଁ । ଯେହେତୁ ଏକକ ନ୍ୟାୟମୂର୍ତ୍ତି ସଠିକ୍ ଭାବେ ନିର୍ଦ୍ଦେଶ ଦେଇଥିଲେ, ଦୁଇଜଣିଆ ନ୍ୟାୟମୂର୍ତ୍ତିଙ୍କ ଖଣ୍ଡପୀଠ ତାଙ୍କୁ ବିଚାରକୁ ନିଆଯିବାର ଥିବା ତାରିଖ ଠାରୁ ସେହି ଆଦେଶକୁ ରଦ୍ଦ କରିବା ଠିକ୍ ନଥିଲା । ଏହି ତଥ୍ୟକୁ ଦୃଷ୍ଟିରେ ରଖି ଯେ ସେ କୌଣସି ବକେୟା ଦାବି କରୁନାହାଁନ୍ତି ଏବଂ ପଞ୍ଚମ ଉତ୍ତରଦାତା ସେବାରୁ ଅବସର ଗ୍ରହଣ କରିସାରିଛନ୍ତି, ରାଜ୍ୟକୁ ଏହି କାରଣରୁ ସୂଚନା ଜାରି କରାଯାଇଛି ଯେ କାହିଁକି ଆବେଦନକାରୀଙ୍କ ବରିଷ୍ଠତା ସେହି ତାରିଖରୁ ଗଣନା କରାଯିବ ନାହିଁ ଯେବେ ଜନସମ୍ପର୍କ ଅଧିକାରୀ ପଦବୀ ଖାଲି ହୋଇଥିଲା ଏବଂ ତାଙ୍କୁ ପଞ୍ଚମ ଉତ୍ତରଦାତାଙ୍କ ସହ ବିଚାରକୁ ନିଆଯିବାର ଥିଲା କିନ୍ତୁ ନିଆଯାଇ ନଥିଲା ।"

ଉତ୍ତରଦାତାଙ୍କ ଦ୍ୱାରା ଏକ ପାଲଟା-ସତ୍ୟପାଠ ଦାୟର କରାଯାଇ ଦର୍ଶାଯାଇଛି ଯେ, ଅପିଲକାରୀଙ୍କ ବରିଷ୍ଠତା ପଞ୍ଚମ ଉତ୍ତରଦାତାଙ୍କ ଅବସର ପରେ ପଦବୀ ଖାଲି ହେବା ତାରିଖରୁ ବିଚାର କରାଯାଇଥିଲା । ଉପରୋକ୍ତ କାର୍ଯ୍ୟାନୁଷ୍ଠାନ ସ୍ପଷ୍ଟ ଭାବେ ବେଆଇନ ଏବଂ ସ୍ୱଜନପ୍ରୀତିର

ଏକ ନଗ୍ନ ରୂପ । ଯେତେବେଳେ ଅପିଲକାରୀ କାର୍ଯ୍ୟାଳୟ ଅଧୀକ୍ଷକ ଭାବେ ଜଣେ ନିୟମିତ ପ୍ରାର୍ଥୀ ଥିଲେ, ସେହି ତାରିଖ ସୁଦ୍ଧା ସେବାର ସଦସ୍ୟ ହୋଇନଥିବା ପ୍ରତିନିଯୁକ୍ତିଧାରୀଙ୍କ ତୁଳନାରେ ସେ ଅଗ୍ରାଧିକାର ଭିତ୍ତିରେ ବିଚାର ହେବାକୁ ହକଦାର ଥିଲେ । ଯେଉଁ ତାରିଖରେ ପଞ୍ଚମ ଉତ୍ତରଦାତାଙ୍କୁ ନିଯୁକ୍ତି ଦିଆଗଲା, ସେହି ତାରିଖରେ ନିଯୁକ୍ତି ପାଇଁ ବିଚାରକୁ ନିଆଯିବାର ତାଙ୍କର ବୈଧ ଅଧିକାରକୁ ଭୁଲ୍ ଭାବେ ପ୍ରତ୍ୟାଖ୍ୟାନ କରାଯାଇଥିଲା । ତେଣୁ, ଏହା ନିର୍ଦ୍ଦେଶ ଦିଆଯାଉଛି ଯେ, ଯେଉଁ ତାରିଖରେ ପଞ୍ଚମ ଉତ୍ତରଦାତାଙ୍କୁ ଜନସମ୍ପର୍କ ଅଧିକାରୀ ଭାବେ ପଦୋନ୍ନତି ଦିଆଯାଇଥିଲା, ସେହି ତାରିଖରୁ ଅପିଲକାରୀଙ୍କୁ ନିୟମିତ ଭାବେ ନିଯୁକ୍ତ କରାଯାଇଥିବା ବୋଲି ବିଚାର କରାଯିବ ଏବଂ ଏହି ନ୍ୟାୟାଳୟଙ୍କ ଦ୍ୱାରା ପ୍ରଦତ୍ତ ଆଦେଶ ଅନୁଯାୟୀ କାର୍ଯ୍ୟ କରାଯିବ । ଆଦେଶ ପ୍ରାପ୍ତିର ତିନି ମାସ ମଧ୍ୟରେ ନିୟମ ଅନୁଯାୟୀ ସେ ହକଦାର ହେବେ କି ନାହିଁ ତାହା ବିଚାର କରାଯିବ ।

ତଦନୁସାରେ ଅପିଲଟିକୁ ମଞ୍ଜୁରୀ ଦିଆଯାଉଛି । କୌଣସି ଖର୍ଚ୍ଚ ଧାର୍ଯ୍ୟ କରାଯାଉନାହିଁ ।

ଜି.ଜି.ଏନ୍. ଅପିଲ ମଞ୍ଜୁର ହେଲା ।

**<u>ଅସ୍ୱୀକରଣ</u>**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ" ।

***<u>ଭାଷାନ୍ତର :</u>***

**ଅମରେଶ୍ୱର ମିଶ୍ର, ଅନୁବାଦକ,**
**ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।**